## ସଂକ୍ଷେପରେ

### କର୍ତ୍ତବ୍ୟରେ ଅବହେଳା: ଏଏସ୍ଆଇ ନିଲମ୍ବିତ

**କଟକ ସଦର,୧୪।୭(ଡି.ଏନ.ଏ.):** କର୍ତ୍ତବ୍ୟରେ ଅବହେଳା ପାଇଁ କନ୍ଦରପୁର ଥାନା ଏଏସ୍ଆଇ ମୁଶାଫ୍ ଖାଁଙ୍କୁ ନିଲମ୍ବିତ କରାଯାଇଛି। ଠକେଇ ଅଭିଯୋଗରେ ଜଣେ ଅଭିଯୁକ୍ତ ଥାନା ହାଜତରେ ଥିଲେ। ଏଏସ୍ଆଇ ଖାଁ ଚଞ୍ଚକତା କରି ଅଭିଯୁକ୍ତଙ୍କୁ ଛାଡି ଦେଇଥିବା କଟକ ଡିସିପି ପ୍ରତୀକ୍ ସିଂଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଥାନାର ସିସିଟିଭି ଫୁଟେଜ୍‌କୁ ଆଧାର କରି ଡିସିପି ସିଂ ମଙ୍ଗଳବାର ଖାଁଙ୍କୁ ନିଲମ୍ବିତ କରିଛନ୍ତି।

### ବିଦ୍ୟାଧରପୁର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋଲାର ବ୍ୟବସ୍ଥା

**କଟକ ଅଫିସ,୧୪।୭:** କଟକ ବିଦ୍ୟାଧରପୁରସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ସୋଲାର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆଗରୁ ଇନ୍‌ଭର୍ଟର ବ୍ୟବସ୍ଥା ଥିଲେ ମଧ୍ୟ ଏହା ଆବଶ୍ୟକତା ପୂରଣ କରିପାରୁ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ଉତ୍କଳ ସେବକ ସମାଜର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳଙ୍କ ଉଦ୍ୟମକ୍ରମେ ବେଙ୍ଗାଲୁରୁର ସେଲ୍‌କୋ ଫାଉଣ୍ଡେଶନ ଦ୍ୱାରା ୬୬୧୯ ୱାଟ୍ ତଥା ୧୨୦ ଭୋଲ୍ଟ ସୋଲାର୍ ସିଷ୍ଟମ ସ୍ଥାପନ କରାଯାଇଛି। ଏହାଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ବିଦ୍ୟୁତ୍ ସରବରାହ ହୋଇପାରିଛି।

### ସରକାରୀ ମୂଲ୍ୟରେ ବିହନ ଯୋଗାଣ ପାଇଁ ଦାବିପତ୍ର

**କଟକ ଅଫିସ,୧୪।୭:** କେନ୍ଦ୍ର ସରକାର ୩ଟି କଳା କୃଷି ଆଇନ ବଳରେ ଚାଷକୁ କର୍ପୋରେଟ୍ ସଂସ୍ଥାଙ୍କ ହାତକୁ ଟେକିଦେବାକୁ ମସୁଧା କରୁଛନ୍ତି। ପ୍ରତିବାଦ ସ୍ୱରୂପ ୭ମାସରୁ ଉର୍ଦ୍ଧ୍ୱ ସମୟ ହେବ ଦିଲ୍ଲୀ ସୀମାରେ କୃଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି। ବର୍ତ୍ତମାନ ଚାଷ ସମୟରେ ସରକାର ଚାଷୀମାନଙ୍କୁ ସରକାରୀ ମୂଲ୍ୟରେ ବିହନ, ସାର, କୀଟନାଶକ ଯୋଗାଇ ଦେଉନାହାନ୍ତି। ଫଳରେ ଏହାର କଳାବଜାର ହୋଇ ଅଧିକ ଦାମରେ ବିକ୍ରି ହେଉଛି। ଏହାର ପ୍ରତିବାଦରେ ଏଆଇକେକେଏମ୍ଏସ୍ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସପ୍ତାହବ୍ୟାପୀ ଆନ୍ଦୋଳନ ଡାକରା ଦିଆଯାଇଛି। ତୁରନ୍ତ ବିହନ, ସାର, କୀଟନାଶକର ସରକାରୀ ଦାମ୍ ସମସ୍ତ ଡିଲର ଦୋକାନ ଆଗରେ ଲଗାଇବା, ସରକାର ଚାଷୀଙ୍କୁ ସୁଲଭ ମୂଲ୍ୟରେ ବିହନ, ସାର, କୀଟନାଶକ ଯୋଗାଇଦେବା, ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନରେ ପରିଣତ କରିବା, ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ ଓ ବିଦ୍ୟୁତ୍ ବିଲ୍-୨୦୨୦କୁ ପ୍ରତ୍ୟାହାର କରିବା ଦାବିରେ କଟକ ଜିଲା କମିଟି ପକ୍ଷରୁ ବୁଧବାର ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଆଇକେକେଏମ୍ଏସ୍ କଟକ ଜିଲା ଆବାହକ ବସନ୍ତ ନାୟକ, ବୀରେନ ପାଇଟାଲ୍, ଶଶାଙ୍କ ଶେଖର ମହାନ୍ତି ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

### ୫ ଦମ୍ପତିଙ୍କୁ ସହାୟତା ରାଶି ପ୍ରଦାନ

**କଟକ ଅଫିସ,୧୪।୭:** କଟକ ଜିଲା ପ୍ରଶାସନ ପକ୍ଷରୁ ୫ ଭିନ୍ନକ୍ଷମ ଓ ସାଧାରଣ ଦମ୍ପତିଙ୍କୁ ୫୦ ହଜାର ଟଙ୍କା ସହାୟତା ରାଶି ବୁଧବାର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏଡିଏମ୍ ବିଜୟ କୁମାର ଖଣ୍ଡାୟତରାୟ ଓ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର ଉକ୍ତ ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସରକାରଙ୍କ ଏହି ପ୍ରୋତ୍ସାହନ ରାଶି ସହାୟକ ହେବ ବୋଲି ଖଣ୍ଡାୟତରାୟ ଆଶାବ୍ୟକ୍ତ କରିଛନ୍ତି।

# ଟ୍ରେନ୍ ଧକ୍କାରେ ନଦୀକୁ ଖସିପଡ଼ିଲେ ବାଳକ


କାଠଯୋଡି ନଦୀରେ ଅଗ୍ନିଶମ ବିଭାଗ କର୍ମଚାରୀ ବାଳକଙ୍କୁ ଖୋଜୁଛନ୍ତି।


ଘଟଣାସ୍ଥଳରେ କ୍ରନ୍ଦନରତ ପରିବାରବର୍ଗ।

## ରେଳ ଧାରଣାରେ ଫ୍ରି ଫାୟାର ଖେଳ ମହଙ୍ଗା ପଡ଼ିଲା

■ବ୍ରିଜ୍ ବାଡାରେ ଝୁଲି ପଡିଲେ ୩ ସାଙ୍ଗ

**କଟକ ଅଫିସ, ୧୪।୭**

ରେଳ ଧାରଣାରେ ମୋବାଇଲରେ ଗେମ୍ ଖେଳିବା ଜଣେ ବାଳକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଟ୍ରେନ୍ ଧକ୍କାରେ ସମ୍ପୃକ୍ତ ନାବାଳକ ରକ୍ତାକ୍ତ ଅବସ୍ଥାରେ ନଦୀକୁ ଖସି ପଡିଛନ୍ତି। ଅଗ୍ନିଶମ କର୍ମଚାରୀ ପହଞ୍ଚି ବାଳକଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଜାରି ରଖିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ବୁଧବାର ଅପରାହ୍ଣ ୫ଟାରେ ବିଶିନାବର ଅଞ୍ଚଳର ମିଟୁ ମହାନ୍ତିଙ୍କ ପୁଅ ମଙ୍ଗୁ ଓରଫ ସୁଜିତ୍(୧୫) ଓ ତାଙ୍କର ୩ ଜଣ ସାଙ୍ଗ ଖାନ୍‌ନଗରସ୍ଥିତ ମଣିମନ୍ଦିର ନିକଟରେ ମୋବାଇଲରେ ଫ୍ରି ଫାୟାର ଗେମ୍ ଖେଳୁଥିଲେ। କିଛି ସମୟ ପରେ ସେମାନେ ମନ୍ଦିର ସମ୍ମୁଖ କାଠଯୋଡି ରେଳଧାରଣା ଉପରକୁ ଚଢିଥିଲେ। ସେଠାରୁ ସେମାନେ ଫ୍ରି ଫାୟାର ଖେଳି ଖେଳି ଗୋପାଳପୁର ଆଡକୁ ଚାଲିବାକୁ ଲାଗିଲେ। ଆଗରେ ମଙ୍ଗୁ କାନରେ ଇୟର ଫୋନ ଦେଇ ଯାଉଥିଲାବେଳେ ପଛରେ ତିନି ଜଣ ସାଙ୍ଗ ରହିଥିଲେ। ସେମାନେ ଖେଳରେ ଏତେ ମସ୍‌ଗୁଲ୍ ହୋଇଯାଇଥିଲେ ଯେ ରେଳଧାରଣା ଉପରେ କାଠଯୋଡି ନଦୀର ମଝି ଯାଏ ଚାଲି ଯାଇଥିଲେ। ଇତିମଧ୍ୟରେ ଗୋଟିଏ ଟ୍ରେନ୍ ଆସୁଥିଲେ ମଧ୍ୟ ମଙ୍ଗୁ ଜାଣିପାରି ନ ଥିଲେ। ପଛରେ ଥିବା ଜଣେ ପିଲା କଟକ ପଟୁ ଟ୍ରେନ୍ ଆସୁଥିବା ଦେଖି ସମସ୍ତଙ୍କୁ କହିଥିଲେ। ଏହାପରେ ପଛରେ ଥିବା ତିନି ସାଙ୍ଗ ରେଲୱେ ବ୍ରିଜ୍ ବାଡାରେ ଝୁଲି ପଡିଥିଲେ। କିନ୍ତୁ ମଙ୍ଗୁ କାନରେ ଇୟର ଫୋନ ଲଗାଇଥିବାରୁ ଡାକ ଶୁଣିପାରି ନ ଥିଲେ। ଫଳରେ ଟ୍ରେନ୍ ତାଙ୍କୁ ଧକ୍କା ଦେବାରୁ ସେ ନଦୀକୁ ଖସିପଡିଥିଲେ। ଏହାପରେ ସାଙ୍ଗମାନେ ଫେରିଆସି ଘଟଣା ସମ୍ପର୍କରେ ଲୋକଙ୍କୁ କହିଥିଲେ। ଖବରପାଇ ବାଦାମବାଡି ଥାନା ପୋଲିସ ଓ ଜିଆରପି ଅଧିକାରୀ ପହଞ୍ଚି ମଙ୍ଗୁଙ୍କୁ ଉଦ୍ଧାର ପାଇଁ ଖୋଜାଖୋଜି କରିଥିଲେ। ରେଳଧାରଣାରେ ରକ୍ତ ଛିଟା ଲାଗିଥିବା ଦେଖିବାକୁ ମିଳିଛି। ଖବର ଲେଖାହେବା ପର୍ଯ୍ୟନ୍ତ ମଙ୍ଗୁଙ୍କ ପତ୍ତା ମିଳି ନ ଥିବା ବାଦାମବାଡି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ମଙ୍ଗୁଙ୍କୁ ନ ପାଇ ପରିବାର ସଦସ୍ୟ ଦୁଃଖରେ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି।


କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ଜଣେ ଶିଳ୍ପୀ ଖୁଦୁରୁକୁଣୀଙ୍କ ମୃଣ୍ମୟୀ ପ୍ରତିମା ଗଢୁଛନ୍ତି।

### ଶିବିରରୁ ୮୫ ୟୁନିଟ୍ ରକ୍ତ ସଂଗୃହୀତ

**କଟକ ଅଫିସ, ୧୪।୭**

ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁର ମିଳିତ ଆନୁକୂଲ୍ୟରେ ବୁଧବାର କଟକ କ୍ଲବ ହାଉସଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୮୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଆସିଫ୍ ଅମିନଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ପରମିତ୍ କୁମାର ଦାସ ଓ ଛାତ୍ରନେତା ପ୍ରସନ୍ନଜିତ ଦାସ ଶିବିର ପରିଚାଳନା କରିଥିଲେ। ଏଥିରେ ବିଧାୟକ ଦେବୀ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ଓଡ଼ିଶା ମୋ ପରିବାରର ରାଜ୍ୟ ସଂଯୋଜକ ଅରୂପ ପଟ୍ଟନାୟକ ଓ ମଞ୍ଜିତ୍ ଦାସ ଉପସ୍ଥିତ ଥିଲେ।

### ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ହରେକୃଷ୍ଣ ଶତପଥୀ

**କଟକ ଅଫିସ, ୧୪।୭**

ସାରଳା ସାହିତ୍ୟ ସଂସଦ ପରିସରରେ ଶିକ୍ଷାବିତ୍ ହରେକୃଷ୍ଣ ଶତପଥୀଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ଯୋଗଦେଇ କହିଥିଲେ, ଶତପଥୀ ବହୁମୁଖୀ ପ୍ରତିଭାର ଅଧିକାରୀ ଓ ବରେଣ୍ୟ ଶିକ୍ଷାଗୁରୁ ଥିଲେ। ପ୍ରଫେସର ସଞ୍ଜୟ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଇଂ. ସନ୍ତୋଷ ସ୍ୱାଇଁ, କଟକ ଆକାଶବାଣୀ କେନ୍ଦ୍ରର ସହନିର୍ଦ୍ଦେଶକ ପ୍ରାଣଧନ ଜେନା, ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ, ଏବିଆଇଟିର ଅଧ୍ୟକ୍ଷା ପ୍ରଫେସର ଲୀନା ସାମନ୍ତରାୟ, କମଳ ଚରଣ ମଲ୍ଲ ପ୍ରମୁଖ ଯୋଗଦେଇଥିଲେ। ମଳୟ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପାଣ୍ଡବ


@ ମମତା


@ ଅଶ୍ୱିନୀ


@ ସୁଶାନ୍ତ


@ ଖଗେଶ୍ୱର


@ ଭ୍ରମରବର


@ ଅନାମ

# ବାଲ୍ୟବିବାହ ବନ୍ଦ କଲେ ସିଡିପିଓ

**ନିଶ୍ଚିନ୍ତକୋଇଲି,୧୪।୭((ସ୍ୱ.ପ୍ର.)**

## ମା’, ବାପା, ଝିଅଙ୍କୁ ଉଠାଇନେଲା ପୋଲିସ

ସରକାର ବାଲ୍ୟ ବିବାହ ଉପରେ କଡାକଡି ଆଇନ ପ୍ରଣୟନ କରିଥିଲେ ହେଁ ସଚେତନତା ଅଭାବରୁ ଏବେବି ଏହା ଲୁଚାଛପାରେ ଚାଲିଥିବା ଅଭିଯୋଗ ହୋଇଛି। ଏପରି ଏକ ଅଭିଯୋଗ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତରେ ବୁଧବାର ଦେଖିବାକୁ ମିଳିଛି। ପଞ୍ଚାୟତ ଅନ୍ତର୍ଗତ ଦଳିତ ସାହିର ଜଣେ ୧୬ ବର୍ଷ ୧ ମାସର ନାବାଳିକାଙ୍କୁ ପାଗା ଫାଣ୍ଡି ଅଧୀନ ବିଶ୍ୱନାଥପୁର ଅଞ୍ଚଳରେ ବୁଧବାର ବିବାହ ପାଇଁ ଚୂଡାନ୍ତ ପ୍ରସ୍ତୁତି ସରିଥିଲା। ଝିଅ ମାମୁଘରୁ ଖାଆଣିଖାଇରୁ ତୋଳାକନ୍ୟା ଭାବେ ତାଙ୍କୁ ନିଆଯାଇ ବର ଘରେ ବିବାହ ସମ୍ପନ୍ନ ହୋଇଥାନ୍ତା। ଖବର ପାଇ ନିଶ୍ଚିନ୍ତକୋଇଲି ସିଡିପିଓ ଲୀଳାବତି ସେଠୀ ଓ ସୁପରଭାଇଜର ଅଞ୍ଜୁଳତା ପରିଜା ମିଳିତ ଭାବେ ସ୍ଥାନୀୟ ସ୍ୱୟଂ ସହାୟକ ମହାସଂଘର କର୍ମକର୍ତ୍ତାଙ୍କ ସହାୟତା ନେଇଥିଲେ। ଝିଅ ଘର ଚିହ୍ନଟ କରିବା ପରେ ସାଲେପୁର ଥାନା ସହାୟତାରେ ତାଙ୍କ ଘରେ ପହଞ୍ଚି ଥିଲେ। ପୋଲିସ ସହ ସିଡିପିଓଙ୍କୁ ଦେଖି ଝିଅଘର ଲୋକେ ଇତସ୍ତତଃ ହୋଇ ପଡିଥିଲେ। ପୋଲିସ ଓ ସିଡିପିଓ ଝିଅ ଗାଁରେ ବୁଝାବୁଝି କରି ବାଲ୍ୟ ବିବାହର ସତ୍ୟତା ଉପଲବ୍ଧି କରିଥିଲେ। ପରେ ଝିଅଙ୍କ ବିଭିନ୍ନ ପ୍ରମାଣପତ୍ର ତଲାସି ପରେ ତାଙ୍କୁ ୧୬ ବର୍ଷ ୧ ମାସ ହୋଇଥିବା ଜଣାପଡିଥିଲା। ଏହା ପରେ ପୋଲିସ ନାବାଳିକାଙ୍କ ସମେତ ମା’, ବାପାଙ୍କୁ ଥାନାକୁ ନେଇ ଯାଇଥିଲେ। ସେଠାରେ ପୋଲିସ ଓ ସିଡିପିଓ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ସିଡିପିଓ ସେଠୀଙ୍କୁ ନାବାଳିକାଙ୍କ ମା’,ବାପା ଲିଖିତ ଭାବେ ଜଣାଇଲେ ଯେ, ଝିଅକୁ ୧୮ ବର୍ଷ ହେବା ପରେ ବିବାହ କରିବେ। ଅପରାହ୍ଣରେ ସେମାନଙ୍କୁ ଥାନାରୁ ଛାଡି ଦିଆଯାଇଛି ବୋଲି ଆଇଆଇସି ଏମ. କେ. ସେନାପତି କହିଛନ୍ତି।

# ‘ଯୋଗ୍ୟ ଚାଷୀ ବାଦ୍ ନ ପଡ଼ନ୍ତୁ’

**ଆଠଗଡ଼,୧୪।୭(ସ୍ୱ.ପ୍ର.)**



ଶିବିରରେ ମଞ୍ଚାସୀନ ଅତିଥିମାନେ।

## ଚାଷୀ ନାମ ପଞ୍ଜୀକରଣ ପାଇଁ ତାଲିମ ଶିବିର

ଖରିଫ ଋତୁ ୨୦୨୧-୨୨ରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ନିମନ୍ତେ ଆଠଗଡ଼ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ନାମ ପଞ୍ଜୀକରଣ ପାଇଁ ଏକ ପ୍ରଶିକ୍ଷଣ ଶିବିର ବୁଧବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜଣେ ହେଲେ ଯୋଗ୍ୟ ଚାଷୀ ବାଦ ନ ପଡିବା ସହ ଅଯୋଗ୍ୟଙ୍କୁ ଚିହ୍ନଟ କରିବାକୁ କର୍ମଚାରୀମାନଙ୍କୁ ଯୋଗ ଦେଇଥିବା ଅତିଥିମାନେ କହିଥିଲେ। ଶିବିରରେ ଆଠଗଡ଼ ଉପଖଣ୍ଡ ଅନ୍ତର୍ଗତ ୪ ବ୍ଲକ ଆଠଗଡ଼, ଟିଗିରିଆ, ବଡ଼ମ୍ବା, ନରସିଂହପୁରର ୭୨ଟି ସେବା ସମବାୟ ସମିତିର ସମ୍ପାଦକ ଓ ଡିଇଓମାନେ ଯୋଗ ଦେଇଥିଲେ। ଚଳିତବର୍ଷ ଜୁଲାଇ ୧୫ଠାରୁ ଅଗଷ୍ଟ ୧୫ ମଧ୍ୟରେ ଚାଷୀମାନେ ନାମ ପଞ୍ଜୀକରଣ ପାଇଁ ସରକାରଙ୍କ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। ଏହି ନିର୍ଦ୍ଧାରିତ ସମୟ ମଧ୍ୟରେ ଇଚ୍ଛୁକ ଚାଷୀମାନେ ସେମାନଙ୍କର ଜମିଜମା କାଗଜପତ୍ର, ବ୍ୟାଙ୍କ ଆକାଉଣ୍ଟ, ଆଧାର କାର୍ଡ, ମୋବାଇଲ ନମ୍ବର ଆଦି ଦେଇ ନିକଟସ୍ଥ ସେବା ସମବାୟ ସମିତିରେ ନାମ ପଞ୍ଜୀକୃତ କରାଇପାରିବେ। ପୂର୍ବରୁ ନାମ ପଞ୍ଜୀକୃତ କରିଥିଲେ ମଧ୍ୟ ପୁଣି କରିବାକୁ ପଡିବ। ଚାଷୀମାନଙ୍କ ନାମ ପଞ୍ଜୀକରଣ ସୁବିଧା ନିମନ୍ତେ ପ୍ରତ୍ୟେକ ସମିତିରେ ହେଲ୍‌ଡେସ୍କ ରହିବ। ଧାର୍ଯ୍ୟ ସମୟ ମଧ୍ୟରେ ଯୋଗ୍ୟ ଚାଷୀ ନାମ ପଞ୍ଜୀକରଣ ତାଲିକା ପ୍ରସ୍ତୁତ କରିବାକୁ ଯାଞ୍ଚ ବ୍ୟବସ୍ଥା କରାଯାଇଛି। ଚାଷୀମାନଙ୍କ ଦ୍ୱାରା ପ୍ରଦତ୍ତ କାଗଜାତ, ସତ୍ୟାସତ୍ୟ ଜିଲା ପ୍ରଶାସନ ଦ୍ୱାରା କରାଯିବ। ଏହି ସମୟରେ ଅଣଚାଷୀ କିମ୍ବା ଭୁଲ ତଥ୍ୟ ଦେଇ ପଞ୍ଜୀକରଣ କରାଗଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନରସିଂହପୁର ବଜାର କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ କଟକ ସହକାରୀ ଯୋଗାଣ ଅଧିକାରୀ ଜ୍ଞାନେଞ୍ଜୟ ମିଶ୍ର, ଆଠଗଡ଼ ସହକାରୀ ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି, ଆଠଗଡ଼ ସହକାରୀ ସମବାୟ ନିବନ୍ଧକ ଅଶୋକ କୁମାର ପତି, ଆଲୋକ କୁମାର ବଳ ପ୍ରମୁଖ ଯୋଗ ଦେଇଥିଲେ। ନରସିଂହପୁର ବଜାର କମିଟିର ସମ୍ପାଦକ ରାମ ନାରାୟଣ ମଲ୍ଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ଜିଲାସ୍ତରୀୟ ବନ ମହୋତ୍ସବ

**ଚୌଦ୍ୱାର,୧୪।୭(ଡି.ଏନ.ଏ.)**

ଚୌଦ୍ୱାର ଆଗ୍ରାହାଟ ହାଇସ୍କୁଲ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। କଟକ ବନଖଣ୍ଡ ଅଧିକାରୀ ସଞ୍ଜୟ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ତହସିଲଦାର ଅଜୟ ମଲ୍ଲିକ, ଚୌଦ୍ୱାର ପୌରନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଜଙ୍ଗଲର ଯତ୍ନ ନେବା ସହିତ ଜଙ୍ଗଲ ବୃଦ୍ଧି ନିମନ୍ତେ ଅଧିକ ଗଛ ଲଗାଇଥିବାରୁ ମା’ ଦୁଃଖୀ ଭୁଆସୁଣୀ ବନ ସୁରକ୍ଷା ସମିତିକୁ ବନ ବିଭାଗ ତରଫରୁ ୨୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏସିଏଫ୍ ମନୋରଞ୍ଜନ ସ୍ୱାଇଁ, ରେଞ୍ଜର ଅଭିରାମ ଜେନା, ମଙ୍ଗରାଜପୁର ଫରେଷ୍ଟର ପୀତବାସ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ଦାସ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଟିକା ପାଇଁ ଭୁଲିଗଲେ ସାମାଜିକ ଦୂରତା


ଟିକା ପାଇଁ ଇନ୍‌ଡୋର ଷ୍ଟାଡିୟମରେ ଲୋକଙ୍କ ଗହଳି।

## ଇନ୍‌ଡୋର ଷ୍ଟାଡିୟମରେ ଭିଡ଼

**କଟକ ଅଫିସ,୧୪।୭**

କଟକ ସହରରେ ପ୍ରାୟ ୬ଦିନ ପରେ ବୁଧବାର ଟିକାକରଣ ଆରମ୍ଭ ହୋଇଛି। ଟିକା ନେବା ପାଇଁ ବିଭିନ୍ନ କେନ୍ଦ୍ରରେ ଲୋକଙ୍କ ଲମ୍ବା ଧାଡି ଲାଗିଥିଲା। ହେଲେ ଇନ୍‌ଡୋର ଷ୍ଟାଡିୟମରେ ଲୋକଙ୍କ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା। ଟିକାକେନ୍ଦ୍ରରେ ପ୍ରବେଶ ପାଇଁ ଲୋକମାନେ ସାମାଜିକ ଦୂରତାକୁ ଭୁଲି ଯାଇ ଠେଲାପେଲା ହେଉଥିଲେ। ଯେପରି ଲାଗୁଥିଲା କାହାରିକୁ କରୋନାର ଭୟ ନାହିଁ। ସହରରେ ଟିକାକରଣ ସୁରୁଖୁରୁରେ ଚାଲିଥିବା କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଟୁଇଟ୍‌ରେ ପ୍ରଚାର କରାଯାଉଥିବାବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ଏଭଳି ଭିଡ଼ ବାରମ୍ବାର ହେଉଥିଲେ ମଧ୍ୟ ସିଏମ୍‌ସି ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆ ନ ଯିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସିଏମ୍‌ସି ଯୁଗ୍ମ କମିଶନର ସୁମିତା ସରକାର କହିଛନ୍ତି, କିଛିଦିନ ବ୍ୟବଧାନରେ ସହରରେ ଟିକାକରଣ ଆରମ୍ଭ ହୋଇଥିବାରୁ ଏପରି ଭିଡ ଦେଖାଯାଇଥିଲା। ଏଥିସହ କିଛି ଟେକ୍ନିକାଲ ସମସ୍ୟା ପାଇଁ ଟିକାକରଣରେ ବିଳମ୍ବ ହୋଇଥିଲା। ତେବେ ଭିଡ ନିୟନ୍ତ୍ରଣ ପାଇଁ ଟୋକନ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଲୋକେ ମାନିବାକୁ ନାରାଜ।

**ରଥରେ ଶ୍ରୀଜୀଉଙ୍କୁ ଲାଗିହୁଏ ଶୁଖିଲି ଭୋଗ**

**ପୁରୀ ଅଫିସ:** ରଥାରୂଢ଼ ମହାପ୍ରଭୁଙ୍କ ନିକଟରେ ଅନ୍ନ ମହାପ୍ରସାଦ ଲାଗି ହୋଇ ନ ଥାଏ। କେବଳ ଶୁଖିଲି ଭୋଗ ଲାଗି କରାଯାଇଥାଏ। ଗୋପାଳ ବଲ୍ଲଭ ଭୋଗରେ ଖଇ, କୋରା ଖୁଆ ମୁଣ୍ଡା, ସାନ କୋରା, ବଡ କୋରା, ନଡ଼ିଆ ପାତି ଏବଂ ବିଭିନ୍ନ ପ୍ରକାର ଫଳ ଅର୍ପଣ କରାଯାଇଥାଏ। ସେହିପରି ସକାଳ ଧୂପ, ମଧ୍ୟାହ୍ନ ଧୂପ ଏବଂ ସନ୍ଧ୍ୟା ଧୂପରେ ମୁଗମଣ୍ଡା, ଶଙ୍ଖ ଶାକର, ମାଣ୍ଡୁଅ, କୋରା, ଖଇ ଓ ଏହିଭଳି ୭ ପ୍ରକାର କୋରା ଖଇ ଭୋଗ କରାଯାଇଥାଏ। ବଡସିଂହାର ଭୋଗରେ ଶୁଖିଲି ଭୋଗ ଅର୍ପଣ କରାଯାଇଥାଏ। ମହାପ୍ରଭୁଙ୍କ ନିକଟରେ ଭୋଗ ମଣୋହି ପରେ ଉକ୍ତ ଭୋଗ ସେବାୟତଙ୍କୁ ଖେଇ ଭାବେ ବଣ୍ଟନ କରାଯିବା ସହ ଭକ୍ତଙ୍କୁ ମଧ୍ୟ ବଣ୍ଟନ କରାଯାଇଥାଏ।




୧୪।୦୭।୨୦୨୧
୭୧୩ ଟଙ୍କା

## ସଂକ୍ଷେପରେ

### ଗଙ୍ଗା ଲଜ୍ ସିଲ୍

**ପୁରୀ ଅଫିସ,୧୪।୭:** ରଥଯାତ୍ରା ଗାଇଡ୍‌ଲାଇନ ଉଲ୍ଲଂଘନ ଅଭିଯୋଗରେ ବୁଧବାର କୁମ୍ଭାରପଡ଼ା ଥାନା ପୋଲିସ ପୁରୀ ବଳଗଣ୍ଡି ଛକସ୍ଥିତ ଗଙ୍ଗା ଲଜ୍‌କୁ ସିଲ୍ କରିଛି। ଏହି ଲଜ୍‌ର ୫ଟି ରୁମ୍‌କୁ ସିଲ୍ କରାଯାଇଛି। ଗଙ୍ଗା ଲଜ୍ ଛାତ ଓ ବାଲ୍‌କୋନିରେ ଅନେକ ଲୋକ ରଥଯାତ୍ରା ଦେଖିବାର ଦୃଶ୍ୟ ସୋସିଆଲ୍ ମିଡିଆରେ ଘୁରିବୁଲିଥିଲା। ସେହିପରି ବିନା ପାସ୍ କିମ୍ବା ନକଲି ପାସ୍‌ରେ ଯେଉଁ ବ୍ୟକ୍ତିମାନେ ରଥଯାତ୍ରାରେ ସାମିଲ ହୋଇଥିଲେ ସେମାନଙ୍କୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଫଟୋ ଏବଂ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ସେମାନଙ୍କୁ ଚିହ୍ନଟ କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ଧରିତ୍ରୀରେ 'ଲଜ୍ ମାଲିକଙ୍କୁ ଛାଡ଼, ଗୃହକର୍ତ୍ତାଙ୍କୁ ଜୁଲମ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

### ଜମି ବିବାଦକୁ ନେଇ ଦୁଇ ପରିବାର ହାତାହାତି, ୫ ଆହତ

**ନିମାପଡ଼ା,୧୪।୭(ଡି.ଏନ୍.ଏ.):** ନିମାପଡ଼ା ଥାନା ଅଧୀନ ଚଅଁରପଦା ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ବୁଧବାର ୨ ପରିବାର ମଧ୍ୟରେ ମାରପିଟ ହୋଇଛନ୍ତି। ଏଥିରେ ଉଭୟ ପରିବାରର ୫ଜଣ ଗୁରୁତର ଆହତ ହୋଇ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣଙ୍କୁ ଅବସ୍ଥା ସଂକଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗୋଟିଏ ପରିବାରର ଭାନୁମତୀ ମଲ୍ଲିକ ୨ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ଅନ୍ୟ ପରିବାରର କମଳା ମଲ୍ଲିକ ୫ଜଣ ଆକ୍ରମଣକାରୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ପୃଥକ ଭାବେ ୨ଟି ମାମଲା(ନଂ. ୨୫୨,୨୫୩/୨୧) ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଖବରଦାତା ସମ୍ମାନିତ

**ବ୍ରହ୍ମଗିରି,୧୪।୭(ଡି.ଏନ୍.ଏ.):** ମାନବ ଅଧିକାର ସୁରକ୍ଷା ସଂଘ ପକ୍ଷରୁ ବୁଧବାର ବ୍ରହ୍ମଗିରି ବ୍ଲକର କାର୍ଯ୍ୟରତ ଖବରଦାତାମାନଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, କରୋନା ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ ଜନତାଙ୍କ ପାଇଁ କାର୍ଯ୍ୟକରି ସଚେତନତା ସୃଷ୍ଟି କରିପାରିଛନ୍ତି। ଏହି ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଆମେ ଗର୍ବିତ। ତେଣୁ ବ୍ଲକର ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିବା ସହ ବଟ ମହାବୀର ମନ୍ଦିରରେ ଚାରା ରୋପଣ କରିଥିଲେ। ଅନ୍ୟ ଅତିଥିଭାବେ ପ୍ରିୟ ପ୍ରସାଦ ମିଶ୍ର ଅଧକ୍ଷତା କରିଥିବା ବେଳେ ଜିଲା ଅଧକ୍ଷା ସସ୍ମିତା ସାହୁ, ନିରୁପମା ଦାସ, ପ୍ରଦୀପ୍ତ ନାୟକ, ପିଙ୍କି ପଲେଇ, ସୌମ୍ୟରଞ୍ଜନ ସାହୁ ଏବଂ ବ୍ରହ୍ମଗିରି ମଣ୍ଡଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ସେବାଶ୍ରୀ ଉନ୍ମୋଚିତ

**ପୁରୀ ଅଫିସ,୧୪।୭:** ଶ୍ରୀଜଗନ୍ନାଥ ଦେବ କର୍ମକାଣ୍ଡ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟର ସନ୍ଦେଶ ବାହିକା ପତ୍ରିକା ସେବାଶ୍ରୀ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ଶ୍ରୀବିହାର ପରିସରରେ କୁଳପତି ପ୍ରଫେସର ଡ. ହରିହର ହୋତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବିତ୍ତାଧିକରୀ ଶ୍ୟାମ ହେମ୍ବ୍ରମ୍ କଲେଜ ଅଧକ୍ଷ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଜାତୀୟ ଯୋଜନା ପାଇଁ ଥିବା ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ମହାବିଦ୍ୟାଳୟର ଅନ୍ୟ ୟୁନିଟ୍‌ଗୁଡିକୁ ଏଥିରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଏସ୍. ଏନ୍. ତଥାଚାର୍ଯ୍ୟ, ଜାତୀୟ ସେବା ଯୋଜନାର କୋଅର୍ଡିନେଟର ଡା. ବସନ୍ତ ମିଶ୍ର ଏବଂ ମହାବିଦ୍ୟାଳୟ ଅଧକ୍ଷ ଡା. ଜଗବନ୍ଧୁ ମିଶ୍ର ଯୋଗଦେଇଥିଲେ। ଶେଷରେ ଡା. ହରପ୍ରିୟା ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧାପକ ଡା. ପ୍ରକାଶ ଶତପଥୀ, ସୁଶାନ୍ତ ଶତପଥୀ ଏବଂ ଡା . ଅରୁଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ପାସ୍ ବଣ୍ଟନରେ ଅନିୟମିତତା

■ ୨ ପର୍ଯ୍ୟାୟରେ ପାସ୍ ଛପାଯାଇଥିବା ଅଭିଯୋଗ
■ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି ତେଜିଲା

ପୁରୀ ଅଫିସ,୧୪।୭

ଗଣମାଧ୍ୟମ ପ୍ରତିନିଧିଙ୍କୁ ରଥଯାତ୍ରା ପାସ୍ ବଣ୍ଟନରେ ଅନିୟମିତତା ହୋଇଛି। ଏନେଇ ଅଭିଯୋଗ ବଢ଼ିବାରେ ଲାଗିଛି। ପ୍ରତିବର୍ଷ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପାସ୍ ବଣ୍ଟନ ଦାୟିତ୍ୱ ନେଉଥିବାବେଳେ ଚଳିତ ବର୍ଷ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଏହି ଦାୟିତ୍ୱ ତୁଲାଇଥିଲା। ତେବେ ଅଭିଯୋଗ ଅନୁଯାୟୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ ୨ଟି ପର୍ଯ୍ୟାୟରେ ପାସ୍ ଛପାଯାଇଥିଲା। ଗତ ୯ ତାରିଖରେ ପ୍ରଥମ ପର୍ଯ୍ୟାୟ ଏବଂ ୧୦ରେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ପାସ୍ ଛପାଯାଇଥିଲା। ୧୦ ତାରିଖରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରାୟ ୧୭୦ଟି ପାସ୍ ବଣ୍ଟାଯାଇଥିଲା। ପ୍ରଥମ ପର୍ଯ୍ୟାୟ ପାସ୍ କାହାକୁ ମିଳିଛି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ପୁରୀ ଜିଲା ଅଧିବକ୍ତା ସଂଘ ମଧ୍ୟ ଏହି ପ୍ରଶ୍ନ କରିଛି। ଘୋଷଯାତ୍ରା ପାଇଁ ଅନେକ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ରାଜ୍ୟ ପ୍ରତିନିଧିମାନଙ୍କୁ ପ୍ରଶାସନ ସୁଯୋଗ ନ ଦେବାରୁ ଅସନ୍ତୋଷ ରହିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟର ପାସ୍‌କୁ ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ଏ ନେଇ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ କହିଛନ୍ତି, ଏଭଳି ଅଭିଯୋଗର କୌଣସି ସତ୍ୟତା ନାହିଁ। ଯଦି ଏଭଳି କିଛି ପାସ୍ ମିଳିଛି ତେବେ ତାହା ନକଲି ହୋଇଥିବ। ପ୍ରଶାସନ ଏଭଳି ପାସ୍ ପ୍ରସ୍ତୁତ କରିନାହିଁ। ସେହିପରି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା କହିଛନ୍ତି, ପାସ୍ ବଣ୍ଟନ ଦାୟିତ୍ୱରେ ମୁଁ ନ ଥିଲି। ମୋତେ କେବଳ ଗଣମାଧ୍ୟମ ପ୍ରତିନିଧିମାନଙ୍କ ତାଲିକା ପ୍ରସ୍ତୁତ କରି ଦେବାକୁ କୁହାଯାଇଥିଲା। ମୁଁ ମୋର କାର୍ଯ୍ୟ ସମ୍ପାଦନ କରିଥିଲି।


ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ରଥଯାତ୍ରାରେ ଅନଧିକାର ପ୍ରବେଶକୁ ନେଇ ଅସନ୍ତୋଷ

ପୁରୀ ଅଫିସ,୧୪।୭

ରଥଯାତ୍ରାରେ ବାହାର ଲୋକଙ୍କ ଅନଧିକାର ପ୍ରବେଶକୁ ନେଇ ପୁରୀ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ଏନେଇ ସିଂହଦ୍ୱାର ଥାନାରେ ଏତଲା ଦେଇଥିବାବେଳେ ବୁଧବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦେବା ସହ ଘଟଣାର ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ସଂଘ ପକ୍ଷରୁ କୁହାଯାଇଛି, ଅନେକ ଲୋକଙ୍କୁ ରଥଯାତ୍ରାକୁ ଆସିବା ପାଇଁ ଅନୁମତି ନ ଥିବା ସତ୍ତ୍ୱେ ସେମାନେ ଅନଧିକାର ପ୍ରବେଶ କରିଛନ୍ତି। ନକଲି ସେବାୟତ ଓ ନକଲି ଖବରଦାତା ଗହଳି ମଧ୍ୟରେ ପଶି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ସୋସିଆଲ୍ ମିଡିଆରେ ରଥଯାତ୍ରା ଦୃଶ୍ୟ ଲାଇଭ୍ କରିବା ସହ ଫଟୋ ପୋଷ୍ଟ କରିଛନ୍ତି। ଏଭଳି ଘଟଣା ପ୍ରତି ପ୍ରଶାସନ କିଭଳି ଦୃଷ୍ଟି ଦେଲା ନାହିଁ ସେନେଇ ସଂଘ ପ୍ରଶ୍ନ ଉଠାଇଛି। ସହରରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି ହୋଇଛି। ସେହିପରି ପୁରୀ ସହରର ବିଭିନ୍ନ ବର୍ଗର ନାଗରିକ ମିଳିତ ଭାବେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ଦେଇଛନ୍ତି। ସହରରେ ୧୪୪ ଧାରା ଲାଗିଥିବା ବେଳେ ବାହାର ଲୋକେ କିଭଳି ସହରକୁ ଆସିଲେ ଓ ରଥଯାତ୍ରାରେ ଯୋଗଦେଲେ ତାହାକୁ ନେଇ ପୁରୀ ଜିଲା ଓକିଲ ସଂଘ ଏବଂ ଯୁବ ଅଧିବକ୍ତା ସଂଘ ପକ୍ଷରୁ ପ୍ରଶ୍ନ କରାଯାଇଛି।

## ଆଜି ମହାପ୍ରଭୁଙ୍କ ବନକ ଲାଗି

ପୁରୀ ଅଫିସ,୧୪।୭

ଆସନ୍ତା ୧୬ତାରିଖରେ ହେରା ପଞ୍ଚମୀ। ଏହି ଦିନ ଅଭିମାନିନୀ ମା' ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ନନ୍ଦିଘୋଷ ରଥ ଭାଙ୍ଗିବାର ପରମ୍ପରା ରହିଛି। ହେରାପଞ୍ଚମୀ ପୂର୍ବଦିନ ଅର୍ଥାତ ଆଷାଢ଼ ଶୁକ୍ଳପଞ୍ଚମୀ ତିଥିରେ ଗୁରୁବାର ଶ୍ରୀବିଗ୍ରହମାନଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବ। ଦତ୍ତ ମହାପାତ୍ର ସେବାୟତମାନେ ମହାପ୍ରଭୁଙ୍କୁ ବନକ ଲାଗି ବା ଶ୍ରୀମୁଖ ଶୃଙ୍ଗାର କରିବେ। ଏହି ଗୁପ୍ତ ନୀତି ସମୟରେ ମହାପ୍ରଭୁଙ୍କ ଦର୍ଶନ ଓ ଶ୍ରୀଗୁଣ୍ଡିଚା ମନ୍ଦିର ବନ୍ଦ ରହିବ।

## ବାଇକ୍ ଧକ୍କାରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

ନିମାପଡ଼ା,୧୪।୭(ଡି.ଏନ୍.ଏ.)

ନିମାପଡ଼ା–ବାଲିପାଟଣା ରାସ୍ତାର ଭାଟବନ୍ଧ ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ଅଜଣା ବାଇକ୍ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅସ୍ତରଙ୍ଗ ଥାନା ଅଧୀନ ଅଠତରା ରାସ୍ତାର ସୁର ବାରିକ (୫୭)। ସେ ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁରର ପୂର୍ବତନ ସରପଞ୍ଚ ଥିଲେ। ଖବରପାଇ ନିମାପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ମୃତକଙ୍କ ଭାଇ ହୃଷିକେଶ ବାରିକ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୫୪/୨୧) ରୁଜୁ କରିଛି। ସୂଚନାଯୋଗ୍ୟ, ସୁର ବୁଧବାର ବାଲିପାଟଣା ଥାନା ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ଯୋଗଦେଇ ଘରକୁ ଫେରୁଥିଲେ। ଭାଟବନ୍ଧ ହାଇସ୍କୁଲ ଛକ ନିକଟରେ ଏକ ବାଇକ୍ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ସୁର ଛିଟିକି ତଳେ ପଡ଼ିଯିବାରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ହସ୍ପିଟାଲ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛନ୍ତି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

### ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ଚେତାବନୀ

ପୁରୀ ଅଫିସ,୧୪।୭

ବିଦ୍ୟୁତ୍ ବିଭାଗର ଠିକା କର୍ମଚାରୀଙ୍କୁ ଶ୍ରମ ଆଇନ ଅନୁଯାୟୀ କ୍ଷତିପୂରଣ ଓ ପାରିଶ୍ରମିକ ମିଳୁନାହିଁ। ଠିକା କର୍ମଚାରୀମାନେ ୨୦୦୯ ମସିହାରୁ ଲଗାତର ଭାବେ ବିଲ୍ ପ୍ରସ୍ତୁତ, ବିଲ୍ ଆଦାୟ, ଏଲ୍‌ଟି ମେଣ୍ଟେନାନ୍ସ, ସବଷ୍ଟେଶନ ଓ ଫ୍ୟୁଜ୍‌କଲ୍ ଇତ୍ୟାଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଇଆସୁଛନ୍ତି। ତେଣୁ ସମସ୍ତ କର୍ମଚାରୀଙ୍କୁ ବରିଷ୍ଠତା ଏବଂ ଅଭିଜ୍ଞତା ଦୃଷ୍ଟିରୁ ପୁନଃନିଯୁକ୍ତି, ବହିଷ୍କୃତ କର୍ମଚାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଚାକିରି ପ୍ରଦାନ, ଏକ ତୃତୀୟାଂଶ ଠିକା କର୍ମଚାରୀଙ୍କୁ ସୁପରଭାଇଜର ଭାବେ ନିଯୁକ୍ତି, ସମାନ କାମକୁ ସମାନ ଦରମା ଓ ପ୍ରୋଭିଡେଣ୍ଟ ଫଣ୍ଡ, ଇଏସଆଇ ଭଳି ସୁବିଧା ଯୋଗାଇବା ପାଇଁ ଦାବି କରାଯାଇଛି। ଏନେଇ ବୁଧବାର ବିଦ୍ୟୁତ୍ ବିଭାଗର କାର୍ଯ୍ୟନିର୍ବାହୀ ପରିଚାଳକ ଏବଂ ଟିପିସିଓଡିଏଲ୍‌ର ଉପପରିଚାଳକଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀକ୍ଷେତ୍ର ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ମନୋଜ ରାଉତରାୟ କହିଛନ୍ତି, ୨୦୦୯ ମସିହାରୁ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରିଆସୁଛୁ। ୨୦୨୦ରେ ଟିପିସିଓଡିଏଲ୍ ଦାୟିତ୍ୱ ନେବା ପରେ ମଧ୍ୟ ଆମେମାନେ କାର୍ଯ୍ୟ କରୁଛୁ। ବାତ୍ୟା ସମୟରେ ମଧ୍ୟ ଠିକ୍ ଭାବେ ଦାୟିତ୍ୱ ସମ୍ପନ୍ନ କରିଛୁ। ମାତ୍ର ଠିକା କର୍ମଚାରୀ ଭାବେ ଆମମାନଙ୍କ ନାର୍ଯ୍ୟ ଦାବି ଉପରେ ସଂସ୍ଥା ଧ୍ୟାନ ଦେଉନାହିଁ। ସଂସ୍ଥା ପକ୍ଷରୁ ଠିକା କର୍ମଚାରୀଙ୍କୁ ସୁବିଧା ସୁଯୋଗ ମିଳୁନାହିଁ। କର୍ତ୍ତୃପକ୍ଷ ଆମ ଦାବି ନ ମାନିଲେ ଆଗାମୀ ଦିନରେ ଜିଲାର ଠିକା ବିଦ୍ୟୁତ କର୍ମଚାରୀମାନେ କାର୍ଯ୍ୟରେ ଅସହଯୋଗ କରିବେ ବୋଲି ରାଉତରାୟ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ କର୍ତ୍ତୃପକ୍ଷ ଦାବିପତ୍ର ଗ୍ରହଣ କରି ପଦକ୍ଷେପ ପାଇଁ ସମୟ ମାଗିଛନ୍ତି।

## ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ତାଲିମ

ସାକ୍ଷୀଗୋପାଳ,୧୪।୭(ଡି.ଏନ୍.ଏ.)

ଆଗାମୀ ଖରିଫ ବିପଣନ ବର୍ଷରେ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଧାନ ସଂଗ୍ରହ ନିମନ୍ତେ ବୁଧବାର ଚାଷୀ ପଞ୍ଜୀକରଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାର ୨୦୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତିର ୨୦୮ ଜଣ ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟର ଯୋଗଦେଇ ତାଲିମ ନେଇଥିଲେ। ଜିଲା ସମବାୟ ଉପନିବନ୍ଧକ ଭୀମସେନ ସାହୁ ଯୋଗଦେଇ ତ୍ରିସ୍ତରୀୟ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମବାୟ ସମ୍ପ୍ରସାରଣ ଅଧିକାରୀ ତଥା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କମଳ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସହକାରୀ ଯୋଗାଣ ଅଧିକାରୀ ଜାନକୀ ଭୂଷଣ ହବଡ଼ାସିଂହ ଓ ଅନିତା ମହାପାତ୍ରଙ୍କ ସହିତ ପୁରୀ ସଦର ବ୍ଲକ ଓ ମ୍ୟୁନିସିପାଲିଟିର ଯୋଗାଣ ନିରୀକ୍ଷକ ସତ୍ୟବ୍ରତ, ବ୍ରହ୍ମଗିରିର ଶିବପ୍ରସାଦ ମହାନ୍ତି, ସତ୍ୟବାଦୀର ଜୟନ୍ତୀ ହରିଚନ୍ଦନ, ଡେଲାଙ୍ଗ, ପିପିଲି ଓ କଣାସ ବ୍ଲକର ଯୋଗାଣ ନିରୀକ୍ଷକମାନେ ଉପସ୍ଥିତ ଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜୁଲାଇ୧୫ରୁ ଅଗଷ୍ଟ ୧୬ ପର୍ଯ୍ୟନ୍ତ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରାଯିବ। ଚାଷୀମାନେ ନିଜ ଜମିପଟ୍ଟା, ବ୍ୟାଙ୍କ ଆକାଉଣ୍ଟ, ଆଧାର କାର୍ଡ, ମୋବାଇଲ ନମ୍ବର ଇତ୍ୟାଦି ତଥ୍ୟ ଦେବେ। ଭାଗଚାଷୀଙ୍କୁ ସମ୍ମତିପତ୍ର ଦେବା ବାଧ୍ୟତାମୂଳକ। ଚାଷୀ ଭୁଲ ତଥ୍ୟ ଦେଲେ ଧାନ ବିକିପାରିବେ ନାହିଁ। ପ୍ରତ୍ୟେକ ସମିତିରେ ହେଲ୍ପଡେସ୍କ ରହିବ। ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟର ହିସାବରକ୍ଷକ ଜଗତଜ୍ୟୋତି ସାହୁ ଓ ନୋଡାଲ ଅଫିସର ସୁରେନ୍ଦ୍ର ଦତ୍ତ ପ୍ରମୁଖ ସହଯୋଗ କରିଥିଲେ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ପାଣ୍ଡବ


@ ମମତା


@ ଅଶ୍ୱିନୀ


@ ସୁଶାନ୍ତ


@ ଖଗେଶ୍ୱର


@ ଭ୍ରମରବର


@ ଅନାମ


ପୁରୀର ଶିଳ୍ପୀ ସୂର୍ଯ୍ୟକାନ୍ତ ଦାସଙ୍କ ଦ୍ୱାରା ଅଙ୍କିତ ଡିଜିଟାଲ ଚିତ୍ର।

## ମହାପ୍ରଭୁଙ୍କ ଆଡ଼ପ ଅବଢ଼ା ପାଇଲେ ଭକ୍ତ

ପୁରୀ ଅଫିସ,୧୪।୭

ରତ୍ନବେଦୀରୁ ଶ୍ରୀବିଗ୍ରହ ବାହାରି ଜନ୍ମବେଦିର ଆଡ଼ପମଣ୍ଡପରେ ଏବେ ବିରାଜମାନ କରିଛନ୍ତି। ବୁଧବାର ସକାଳୁ ମହାପ୍ରଭୁଙ୍କ ଅଧରପୋଛା ନୀତି ସରିବା ପରେ ଆରମ୍ଭ ହୋଇଥିଲା ଶ୍ରୀଜିଉଙ୍କ ଦର୍ଶନ। କଟକଣା ଯୋଗୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ଥିବାବେଳେ ପ୍ରଥମ ଆଡ଼ପ ଅବଢ଼ା ପାଇ କୃତାର୍ଥ ହୋଇଛନ୍ତି। ଶ୍ରୀବିଗ୍ରହମାନଙ୍କର ସକାଳୁ ବିଭିନ୍ନ ନୀତି ପରେ ସକାଳଧୂପରେ ଆଡ଼ପ ଅବଢ଼ା ବାହାରିଥିଲା। ମହାପ୍ରଭୁଙ୍କ ପାଖରେ ଅନ୍ନ ମହାପ୍ରସାଦ ଲାଗି ହୋଇଛି। ମହାପ୍ରଭୁଙ୍କୁ ସଙ୍ଖୁଡ଼ି ମହାପ୍ରସାଦରେ ଅବଢ଼ା, ଘିଅ ଅନ୍ନ, କାନିକା, ଖେଚୁଡ଼ି, ମେଣ୍ଢାମୁଣ୍ଡିଆ, ଅଦା ଓ ହେଙ୍ଗୁ ଖେଚୁଡ଼ି, କର୍ମାବାଇ, ଡାଲମା, ବେସର, ମହୁର, ଶାଗ, ଖଟା ଆଦି ବିଭିନ୍ନ ପ୍ରକାରର ଭୋଗ ଲାଗି କରାଯାଇଥିଲା।


ଭକ୍ତ ଆଡ଼ପ ଅବଢ଼ା ନେଉଛନ୍ତି।

କଟକଣା କାରଣରୁ ଭକ୍ତମାନେ ଯେପରି ସୁବିଧାରେ ମହାପ୍ରସାଦ ପାଇପାରିବେ, ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବସ୍ତ୍ରାଣ୍ଡ ପରିସର ଓ ନୃସିଂହ ମନ୍ଦିର ନିକଟରେ ଦୁଇଟି ଟୋକନ୍ କାଉଣ୍ଟର ଖୋଲାଯାଇଛି। ଭକ୍ତମାନେ ଉକ୍ତ ଦୁଇଟି ସ୍ଥାନରେ ଟୋକନ୍ ନେଇ ଅର୍ଡର ମୁତାବକ କାଉଣ୍ଟରରୁ ଅବଢ଼ା ପ୍ରାପ୍ତ ହେଉଛନ୍ତି। ମହାପ୍ରସାଦ ବ୍ୟବସ୍ଥା ସମ୍ପର୍କରେ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପଡିଆରୀ କହିଛନ୍ତି, ପ୍ରଥମ ଦିନରେ ପ୍ରାୟ ୮ ହଜାର ଲୋକଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ ହୋଇଥିଲା। ସେଥିମଧ୍ୟରୁ ଟୋକନ୍ ମାଧ୍ୟରେ ପ୍ରାୟ ୨ ହଜାର ଲୋକ ମହାପ୍ରସାଦ ନେଇଛନ୍ତି। ସେହିପରି ପୁରୀର କେତେଜଣ ବାସିନ୍ଦା ଅର୍ଡର ଦେଇ ବୋଝିଆ ହାତରେ ନିଜ ଘରକୁ ମହାପ୍ରସାଦ ନେଇଛନ୍ତି। ସମସ୍ତ ଭକ୍ତ ସୁବିଧାରେ ଏବଂ ସୁଲଭ ମୂଲ୍ୟରେ ମହାପ୍ରସାଦ ପାଇପାରିବେ ବୋଲି ପଡିଆରୀ ସୂଚନା ଦେଇଛନ୍ତି। ତେବେ କଟକଣା ଭିତରେ ଦର୍ଶନର ସୌଭାଗ୍ୟ ମିଳୁ ନ ଥିବାବେଳେ ମହାପ୍ରସାଦ ପାଇ ସାନ୍ନିଧ୍ୟ ଲାଭ ମିଳିଛି ବୋଲି ଶ୍ରଦ୍ଧାଳୁ ଇତିଶ୍ରୀ ଦାଶ କହିଛନ୍ତି। ମହାପ୍ରସାଦ ପାଇଁ ଶ୍ରୀମନ୍ଦିର ପକ୍ଷରୁ କରାଯାଇଥିବା ବ୍ୟବସ୍ଥାକୁ ସେ ପ୍ରଶଂସା କରିଥିଲେ। ମାତ୍ର ମହାପ୍ରଭୁଙ୍କ ଦର୍ଶନ ନ ପାଇ ମନ ଦୁଃଖ ଲାଗୁଛି ବୋଲି କହିଥିଲେ।

